## ସଂକ୍ଷେପରେ

### ବିଜୁ ପକ୍କା ଘର ଯୋଜନାରେ କାର୍ଯ୍ୟାଦେଶ ବଣ୍ଟନ

ମାଲକାନଗିରି,୨୨।୨(ଡି.ଏନ୍.ଏ.)- ମାଲକାନଗିରି ଜିଲା ସଦର ମହକୁମାସ୍ଥିତ ପୌର ପରିଷଦ କାର୍ଯ୍ୟାଳୟ ପରିସରରେ ପୌରପରିଷଦ ଅଂଚଳରେ ବସବାସ କରୁଥିବା ୧୫୨ଜଣ ବାସହୀନଙ୍କୁ ସହରାଂଚଳ ବିଜୁ ପକ୍କା ଘର ଯୋଜନାରେ କାର୍ଯ୍ୟାଦେଶ ବଣ୍ଟନ କରାଯାଇଛି। ଏଥିରେ ଏମ୍‌ପି ବଳଭଦ୍ର ମାଝି , ବିଧାୟକ ମାନସ ମାଡକାମି ଓ ପୌର ପରିଷଦ ନିର୍ବାହୀ ଅଧିକାରୀ ଏମ୍. ନୀଳକଣ୍ଠ ନାଇଡୁ ଉପସ୍ଥିତ ଥିଲେ। ତିନୋଟି ପର୍ଯ୍ୟାୟରେ ହିତାଧିକାରୀମାନେ ୨ ଲକ୍ଷ ଟଙ୍କା ପାଇବାକୁ ଥିଲା ବେଳେ ତିନିମାସ ମଧ୍ୟରେ ଗୃହ ନିର୍ମାଣ କଲେ ୨୦ ହଜାର ଟଙ୍କା ବୋନସ୍ ଦିଆଯିବ ଏବଂ ୬ମାସ ମଧ୍ୟରେ ତିଆରି କଲେ ୧୦ ହଜାର ବୋନସ୍ ଦିଆଯିବ ବୋଲି ନିର୍ବହୀ ଅଧିକାରୀ ନାଇଡୁ ପ୍ରକାଶ କରିଛନ୍ତି।

### ଭାଷା, ସଂସ୍କୃତିକୁ ବଜାୟ ରଖିବାକୁ ସଙ୍କଳ୍ପ

ମାଲକାନଗିରି,୨୨।୨(ଡି.ଏନ୍.ଏ.)- ଯେକୌଣସି ବର୍ଗର ହୁଅନ୍ତୁ ନା କାହିଁକି ସେମାନଙ୍କ ପୂର୍ବ ଏବଂ ଆଗାମୀ ଦିନର ପରିଚୟ ହିଁ ନିଜ ମାତୃଭାଷା, କଳା, ସଂସ୍କୃତି ଏବଂ ପରମ୍ପରା। ଏହାକୁ ବଞ୍ଚାଇ ରଖିବା ଆମ ସମସ୍ତଙ୍କ ଦାୟିତ୍ୱ। ଆଉ ଏକ ପାଦେ ଆଗକୁ ଯାଇ ମାତୃଭାଷା, କଳା ସଂସ୍କୃତି ଏବଂ ପରମ୍ପରାର ସମୃଦ୍ଧି କରିବା ପାଇଁ ଅନ୍ତର୍ଜାତୀୟ ଭାଷା ଦିବସରେ ସଂକଳ୍ପ ନେଇଛି ବଙ୍ଗାଳି ସମାଜ। ପୋଟେରୁ ହରିଚାନ୍ଦ ଆଶ୍ରମରେ ବଙ୍ଗାଳି ସମାଜ ତରଫରୁ ସଭାପତି ଗୌରାଙ୍ଗ କର୍ମକାରଙ୍କ ଅଧକ୍ଷତାରେ ଅନ୍ତର୍ଜାତୀୟ ଭାଷା ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମରେ ଆଦିବାସୀ ବିକାଶ ପରିଷଦ ଅଧକ୍ଷ ଆଡମା ରାବା, ମାଣିକ ଚକ୍ରବର୍ତ୍ତୀ, ସଞ୍ଜୟ ଡ଼ାଲି, ଗୋବିନ୍ଦ ମଣ୍ଡଳ, ପରିତୋଷ ସରକାର, ଅସୀମ ବିଶ୍ୱାସ ପ୍ରମୁଖ ଯୋଗଦେଇଥିଲେ। ପ୍ରତ୍ୟେକ ବିଦ୍ୟାଳୟରେ ବଙ୍ଗାଳୀ ଭାଷା ଅଧ୍ୟୟନ ପାଇଁ ରାଜ୍ୟ ସରକାର ସ୍ୱତନ୍ତ୍ର ନିୟମ କରିବା ପାଇଁ ବୈଠକରେ ଦାବି ହୋଇଛି। ଏଥିରେ ୫୦ରୁ ଉର୍ଦ୍ଧ୍ୱ ବେଙ୍ଗଲି ସମ୍ପ୍ରଦାୟର ଲୋକ ଉପସ୍ଥିତ ଥିଲେ।

### ନୂଆଗୁଡାରେ ମାଗଣା ସ୍ୱାସ୍ଥ୍ୟସେବା ଶିବିର



ଚିତ୍ରକୋଣ୍ଡା,୨୨।୨ (ଡିଏନଏ) ଆନ୍ଧ୍ର-ଓଡିଶା ସୀମାନ୍ତ ମାଓବାଦୀ ପ୍ରବଣ ଏବଂ ଆଦିବାସୀ ବହୁଳ ଚିତ୍ରକୋଣ୍ଡା ପଞ୍ଚାୟତ ସମିତି ଅନ୍ତର୍ଗତ ନୂଆଗୁଡ଼ା ପଞ୍ଚାୟତ ଆରଏସସି-୧୧ରେ ଏସାର ଫାଉଣ୍ଡେଶନ ଆନୁକୂଲ୍ୟରେ ଅଭୟ ଦୂରସ୍ଥ ଗ୍ରାମ ସ୍ୱାସ୍ଥ୍ୟସେବା କାର୍ଯ୍ୟକ୍ରମ ମାଧ୍ୟମରେ ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଛି।ନୂଆଗୁଡା ପଞ୍ଚାୟତର ନୂଆଗୁଡା, ଆରଏସସି-୧୧, ପୁରୁଣାପାଣି ଏବଂ ଦୋରାଗୁଡ଼ା ପଞ୍ଚାୟତ ଥାଟମାନଗୁଡ଼ା ଓ ବାଇଲିଗୁଡାର ୨୦୫ ଜଣ ରୋଗୀଙ୍କ ମାଗଣାରେ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବା ସହିତ ଔଷଧ ପ୍ରଦାନ କରାଯାଇଛି। ଶିବିରକୁ ଏସାର ଫାଉଣ୍ଡେଶନ ବରିଷ୍ଠ ପରିଚାଳକ ସବଲ ଝା ପରିଚାଳନା କରିଥିବା ବେଳେ ଡାକ୍ତର ଦେବାଶିଷ ଦାସ ସ୍ୱାସ୍ଥ୍ୟ ପରୀକ୍ଷା ସହ ଔଷଧ ପ୍ରଦାନ କରିଥିଲେ।

■ ପାଗଳା ଗାଈ କ୍ଷୀର ଖାଇ ଅସୁସ୍ଥ ହେବା ଡର

# ପ୍ରତିଷେଧକ ଟିକା ନେଲେ ୫ଶହ ଲୋକ

କାଲିମେଲା,୨୨।୨(ଡି.ଏନ.ଏ)

ଗାଈକୁ ପାଗଳ କୁକୁର କାମୁଡ଼ିଛି। ଗାଈ ବି ପାଗଳା ହୋଇଯାଇଛି। ଗାଈକୁ ପରୀକ୍ଷା କରିବା ପରେ ଡାକ୍ତର ଏପରି କହିଛନ୍ତି। ଉକ୍ତ ଗାଈକ୍ଷୀରରେ ପ୍ରସ୍ତୁତ ଖାଦ୍ୟ ଦୁଇ ଗାଁର ଲୋକେ ଖାଇଛନ୍ତି। ସେମାନେ ପ୍ରତିଷେଧକ ଇଞ୍ଜେକ୍ସନ ନେବାକୁ ଡାକ୍ତର ପରାମର୍ଶ ଦେବା ପରେ ମାଲକାନଗିରି ଜିଲା କାଲିମେଲା ବ୍ଲକ୍ ଅନ୍ତର୍ଗତ ଗୁମୁକା ପଞ୍ଚାୟତର ଏମଭି-୬୫ ଓ ଏମପିଭି-୧୧ ଗ୍ରାମର ପ୍ରାୟ ୫ ଶହରୁ ଉର୍ଦ୍ଧ୍ୱ ଲୋକ ଶୁକ୍ରବାର ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ କୁକୁର କାମୁଡ଼ା ପ୍ରତିଷେଧକ ଇଞ୍ଜେକ୍ସନ ନେଇଛନ୍ତି। ଏମାନଙ୍କ ମଧ୍ୟରେ ଶତାଧିକ ସ୍କୁଲ ଛାତ୍ରୀଛାତ୍ର ଅଛନ୍ତି।

ଘଟଣା ଅନୁସାରେ, ଗତ କିଛିଦିନ ତଳେ ଏମଭି-୬୫ ଗ୍ରାମର ଜନୈକ ବ୍ୟକ୍ତିଙ୍କ ଗାଈ ଅସୁସ୍ଥ ହେବା ସହିତ ପାଗଳ ପରି ଅସ୍ୱାଭାବିକ ବ୍ୟବହାର କରିଥିଲା। ମାଲିକ ବ୍ୟସ୍ତ ହୋଇଥିଲେ ମଧ୍ୟ ଗାଈକୁ ଡାକ୍ତରଙ୍କୁ ଦେଖାଇ ନ ଥିଲେ। ଗତ ୧୦ ତାରିଖ ସରସ୍ୱତୀ ପୂଜାରେ ପ୍ରସ୍ତୁତ ପ୍ରସାଦରେ ଉକ୍ତ ଗାଈ କ୍ଷୀର ମିଶିଥିଲା। ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ସହିତ କିଛି ଦୁଇ ଗ୍ରାମର ଗ୍ରାମବାସୀ ମଧ ଉକ୍ତ ପ୍ରସାଦ ଖାଇଥିଲେ। ପୁନଶ୍ଚ ଉକ୍ତ ଗ୍ରାମରେ ଅନୁଷ୍ଠିତ ଏକ ଉତ୍ସବରେ ମଧ୍ୟ ଉକ୍ତ ଗାଈ କ୍ଷୀରରେ ପ୍ରସ୍ତୁତ ଖିରି ଗ୍ରାମବାସୀ ଖାଇଥିଲେ। ତେବେ ଉକ୍ତ ଗାଈଟି ଅଧିକ ମାତ୍ରାରେ ଅସ୍ୱାଭାବିକ ଭାବେ ପାଗଳ ପରି ବ୍ୟବହାର କରିବାରୁ ମାଲିକ ଏବଂ ଗ୍ରାମବାସୀଙ୍କ ମଧ୍ୟରେ ସନ୍ଦେହ ହୋଇଥିଲା । କାଲିମେଲା ବ୍ଲକ୍ ଅଧକ୍ଷ ମାଳା ମାଡ଼ି କାଲିମେଲା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଜଣାଇବା ପରେ ଶୁକ୍ରବାର ସକାଳେ ଭାରପ୍ରାପ୍ତ ଚିକିତ୍ସାଧିକାରୀ ଅବିଦ ହୁସେନଙ୍କ ନିର୍ଦ୍ଦେଶରେ ଏକ ଦଳ ଉକ୍ତ ଗ୍ରାମକୁ ଯାଇ ଗ୍ରାମବାସୀଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଯେଉଁମାନେ ଉକ୍ତ ଗାଈ କ୍ଷୀର ମିଶା ଖାଦ୍ୟ ଖାଇଛନ୍ତି ସେମାନଙ୍କୁ ଇଞ୍ଜେକ୍ସନ ଦିଆଯିବ ବୋଲି ଆଲୋଚନା ପରେ ଡାକ୍ତର କହିଥିଲେ। ଉକ୍ତ ଦୁଇ ଗାଁର ପ୍ରାୟ ଅଧିକାଂଶ ଲୋକ ଏହି କ୍ଷୀରମିଶା ପ୍ରସାଦ ଖାଇ ଭୟଭୀତ ଥିବାରୁ ପ୍ରାୟ ୫ ଶହରୁ ଉର୍ଦ୍ଧ୍ୱ ଲୋକ ମେଡିକାଲରେ ପହଞ୍ଚି ଇଞ୍ଜେକ୍ସନ ନେଇଥିଲେ। ଉକ୍ତ ମେଡିକାଲରେ ଅଳ୍ପ ପରିମାଣର ଇଞ୍ଜେକ୍ସନ ଥିବାରୁ ଜିଲା ସ୍ୱାସ୍ଥ୍ୟ କେନ୍ଦ୍ରରୁ ମଗାଯାଇ ଲୋକଙ୍କୁ ଦିଆଯାଇଥିଲା। ପାଗଳ ଗାଈ କ୍ଷୀରରେ ପ୍ରସ୍ତୁତ ଖାଦ୍ୟ ଖାଇଥିବାରୁ ଲୋକଙ୍କ ଉପରେ ଏହାର ପ୍ରଭାବ ପଡ଼ିପାରେ । ସେଥିପାଇଁ ସେମାନେ କୁକୁର କାମୁଡ଼ା ପ୍ରତିଷେଧକ ଇଞ୍ଜେକ୍ସନ ନେବା ଜରୁରୀ ବୋଲି ଡା. ହୁସେନ କହିଛନ୍ତି। କିନ୍ତୁ ଏଥିରେ ଗ୍ରାମବାସୀ କୌଣସି ଭୟଭୀତ ନ ହେବାକୁ ସେ ପରାମର୍ଶ ଦେଇଛନ୍ତି।



ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଲୋକମାନେ ପ୍ରତିଷେଧକ ଟିକା ନେଉଛନ୍ତି ।




ଗିରଫ ଅଭିଯୁକ୍ତଙ୍କ ସହ ଜବତ ଗଞ୍ଜେଇ ।

## ଗଞ୍ଜେଇ ବୋଝେଇ ଟ୍ରକ ସହ ୩ ଗିରଫ

ମାଲକାନଗିରି/ଚିତ୍ରକୋଣ୍ଡା, ୨୨।୨(ଡି.ଏନ୍.ଏ.)

ମାଲକାନଗିରି ଜିଲା ଚିତ୍ରକୋଣ୍ଡା ପୋଲିସ ଶୁକ୍ରବାର ଗଞ୍ଜେଇ ଚୋରା ଚାଲାଣ ହେଉଥିବା ଏକ ଟ୍ରକ ସହ ତିନିଜଣଙ୍କୁ ଗିରଫ କରିଛି । ଓଡ଼ିଶା ସୀମାନ୍ତ ଆନ୍ଧ୍ରପ୍ରଦେଶର ଦାରାକୋଣ୍ଡା ଗ୍ରାମରୁ ମଧ୍ୟପ୍ରଦେଶ ଇନ୍ଦୋରକୁ ଟ୍ରକ (ଏମ୍‌ପି ୦୯ ଜି ଏଫ୍ ୨୯୨୭)ରେ ଗଞ୍ଜେଇ ଚୋରା ଚାଲାଣ ହେଉଥିବା ଚିତ୍ରକୋଣ୍ଡା ପୋଲିସ ଖବର ପାଇ ଉକ୍ତ ଟ୍ରକକୁ ପିଛାକରି ଏସାର କମ୍ପାନୀ ଛକରେ ଅଟକାଇଥିଲା। ଯାଞ୍ଚ ପରେ ସେହି ଟ୍ରକରୁ ବସ୍ତାରେ ଗଞ୍ଜେଇ ଥିବା ଜାଣାପଡ଼ିଥିଲା। ଟ୍ରକରୁ ୨୦୫ କେଜି ଗଂଜେଇ ଜବତ ହୋଇଛି। ଏଥିରେ ସମ୍ପୃକ୍ତ ଉତ୍ତ୍ୱଳପୁର ଗ୍ରାମର ମହେନ୍ଦ୍ରସିଂ ରାଜପୁତ, ଉତ୍ତର ପ୍ରଦେଶ ଜାହାଙ୍ଗିରବାଦର ସନ୍ଦୀପ ସୋଡି, ମଧ୍ୟପ୍ରଦେଶ ଇନ୍ଦୋରର ମହେଶ ପ୍ରଜାପତିଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି।

## କସ୍ତୁରବା ଗାନ୍ଧୀ ଆବାସିକ ବିଦ୍ୟାଳୟର ବାର୍ଷିକୋତ୍ସବ



ବାର୍ଷିକଉତ୍ସବରେ ଅତିଥିଙ୍କ ଗହଣରେ ଛାତ୍ରୀମାନେ ।

ମାଲକାନଗିରି,୨୨।୨(ଡି.ଏନ୍.ଏ.)

ଆମ ପାଖରେ ସମସ୍ତ ପ୍ରତିଭା ଅଛି। ଆମେ ଆଗାମୀ ପିଢ଼ିର ନାଗରିକ। ମାଲକାନଗିରି ଜିଲାର ବିକାଶ ପାଇଁ ଆମେ ସଂକଳ୍ପ ବଦ୍ଧ ବୋଲି ମାଲକାନଗିରି ଜିଲା ସଦର ବ୍ଲକ୍ ସିନ୍ଧ୍ରିମାଳ କସ୍ତୁରବା ଗାନ୍ଧୀ ଆବାସିକ ବିଦ୍ୟାଳୟ ୧୦ମ ବାର୍ଷିକ ଉତ୍ସବରେ ଛାତ୍ର ସଂସଦ ଶିକ୍ଷାମନ୍ତ୍ରୀ ସମା ମାଡ଼ି କହିଛନ୍ତି। ବାର୍ଷିକ ଉତ୍ସବରେ ପ୍ରଧାନ ଶିକ୍ଷୟିତ୍ରୀ ପ୍ରତିମା ନାୟକ ଅଧକ୍ଷତା କରିଥିବାବେଳେ ମୁଖ୍ୟ ଅତିଥି ଭାବେ ଜିଲା ଶିକ୍ଷାଧିକାରୀ ରମେଶ ଚନ୍ଦ୍ର ସେଠୀ, ମୁଖ୍ୟବକ୍ତା ସର୍ବଶିକ୍ଷା ଅଭିଯାନ ଜିଲା ପ୍ରକଳ୍ପ ସଂଯୋଜକ(ଡିପିସି) ମାନସ କୁମାର ଜେନା, ସିନ୍ଧ୍ରିମାଳ ସରପଞ୍ଚ ସମାରୀ ମାଡକାମି, ପରିଚାଳନା କମିଟି ସଭାପତି ଆଡମା କବାସୀ ଯୋଗଦେଇ ଛାତ୍ରୀଙ୍କ ସାହସିକତା ଓ ଉତ୍ସାହକୁ ପ୍ରଶଂସା କରିଥିଲେ। ବିଭିନ୍ନ କ୍ରୀଡା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ମାନପତ୍ର ଏବଂ ପୁରସ୍କାର ପ୍ରଦାନ କରାଯାଇଛି। ସିଆରସିସି ରାମପ୍ରସାଦ ପାଢ଼ୀ ଉପସ୍ଥିତ ଥିଲେ। ବିଦ୍ୟାଳୟରେ ଶୃଙ୍ଖଳିତ ଜୀବନଯାପନ, କୌଶଳ ଶିକ୍ଷା, ଯୋଗ ବ୍ୟାୟାମ, ଆତ୍ମରକ୍ଷା କୌଶଳ, ବୈଷୟିକ ତାଲିମ, ଧନ୍ଦାମୂଳକ ଶିକ୍ଷା, ସୃଜନୀଶକ୍ତିର ବିକାଶ ପାଇଁ ପ୍ରାର୍ଥନା ସଭାରେ ପ୍ରଶ୍ନମଂଚ ଓ ସମ୍ବାଦ ପରିବେଷଣ, ସାଂସ୍କୃତିକ କାର୍ଯ୍ୟକ୍ରମ, ବୃକ୍ଷରୋପଣ ଓ ପରିବେଶ ଶିକ୍ଷା, କମ୍ପ୍ୟୁଟର ଶିକ୍ଷା, ଚାଟଶାଳୀ ଶିକ୍ଷା ପ୍ରଦାନ କରାଯାଉଥିବା ବିଦ୍ୟାର୍ଥୀମାନେ କହିଛନ୍ତି। ପ୍ରଥମ ଶ୍ରେଣୀରେ ପାସ୍ କରିଥିବା କୁନା କବାସୀ, ଧର୍ମେନ୍ଦ୍ର ମାଟାମ୍, ସୋନା ପଡିଆମ ଏବଂ ଲକ୍ଷ୍ମଣ ଡୁରୁକା ଜିଲାପାଇଁ ଗୌରବ ଆଣିଛନ୍ତି। ମାଳତି ଭୁମିଆ, ସନ୍ତୋଷୀ, ନବୀନା ମାଝି, ହରିବୋଲ ଗାଡଲି ପ୍ରତିମା କୋପେ ମଞ୍ଜୁଳା ପଡିଆମି ଜିଲାସ୍ତରୀୟ ସୁରଭି କାର୍ଯ୍ୟକ୍ରମରେ ଯୋଗଦେଇ କୃତିତ୍ୱ ହାସଲ କରି ଅନ୍ୟମାନଙ୍କ ପ୍ରେରଣାର ଉତ୍ସ ହୋଇଛନ୍ତି।

## କୋରାପୁଟକୁ ମିଳିଲା ୱେବ୍ ରତ୍ନ ପୁରସ୍କାର

ନୂଆଦିଲ୍ଲୀ,୨୨।୨

ଇ-ଗଭର୍ନାନ୍ସ କ୍ଷେତ୍ରରେ ଦୃଷ୍ଟାନ୍ତମୂଳକ ସେବା ପାଇଁ କୋରାପୁଟ ଜିଲାକୁ କେନ୍ଦ୍ର ସରକାରଙ୍କ ପକ୍ଷରୁ ୱେବ୍ ରତ୍ନ ପୁରସ୍କାର ମିଳିଛି। ଆଇନ, ସୂଚନା ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ରବିଶଙ୍କର ପ୍ରସାଦ ଗୁରୁବାର ୱେବ୍ ରତ୍ନ ଜିଲା ବର୍ଗ ଅଧୀନ ଡିଜିଟାଲ ଇଣ୍ଡିଆ ଆୱାର୍ଡ କୋରାପୁଟ ଜିଲାକୁ ପ୍ରଦାନ କରିଛନ୍ତି। ସୂଚନା ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରଣାଳୟ ପକ୍ଷରୁ ମୋଟ ୧୦ ବର୍ଗରେ ୩୫ ଟିମ୍ ଓ ବ୍ୟକ୍ତିବିଶେଷଙ୍କୁ ଏହି ସମ୍ମାନ ଦିଆଯାଇଛି। ସରକାରୀ ନୀତି ପ୍ରଣୟନ ଓ ଯୋଜନାଗୁଡ଼ିକର କାର୍ଯ୍ୟକାରିତା କ୍ଷେତ୍ରରେ ପ୍ରଯୁକ୍ତିବିଦ୍ୟାର ବ୍ୟବହାର ଲାଗି ଏହି ପୁରସ୍କାର ନାଗରିକମାନଙ୍କୁ ପ୍ରୋତ୍ସାହିତ କରିବ ବୋଲି ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି।

## ଜିଲାସ୍ତରୀୟ ଯୁବ ରେଡକ୍ରସ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ




ଜଣେ ରକ୍ତଦାତାଙ୍କଠାରୁ ରକ୍ତ ସଂଗ୍ରହ କରାଯାଉଛି।

ମାଲକାନଗିରି, ୨୨।୨(ଡି.ଏନ୍.ଏ.)

ଜିଲାସ୍ତରୀୟ ଯୁବ ରେଡକ୍ରସ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ ହୋଇଯାଇଛି। ସଦର ମହକୁମା କନିଷ୍ଠ ବିଜ୍ଞାନ ମହାବିଦ୍ୟାଳୟ ପରିସରରେ ତିନିଦିନ ଧରି ଚାଲିଥିବା ଏହି ଶିବିରରେ ୧୮ଟି ମହାବିଦ୍ୟାଳୟର ଶତାଧିକ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା, ଯୋଗ, ସଡ଼କ ସୁରକ୍ଷା, ସ୍ୱଚ୍ଛଭାରତ ମିଶନ ବିଷୟରେ ପ୍ରଶିକ୍ଷଣ ଦିଆଯାଇଛି। କାର୍ଯ୍ୟକ୍ରମରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ୪୨ ୟୁନିଟ ରକ୍ତ ସଂଗ୍ରହ କରାଯାଇଛି। ଅଧକ୍ଷ ଶ୍ରୀଚନ୍ଦନ ମିଶ୍ରଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଡ. ମଧୁସୂଦନ ମହାପାତ୍ର , ଅଖିଳ କୁମାର ଭଞ୍ଜ, ପୂର୍ଣ୍ଣ୍ୟତୀର୍ଥ ସ୍ୱାଇଁ, ଜିଲା ଯୁବ ରେଡକ୍ରସ ଆବାହକ ରଂଜନ କୁମାର ସ୍ୱାଇଁ, ଜିଲା ସଂଯୋଜକ ଆଶିଷ ରାଠୋର, ଶିବିରାର୍ଥୀଙ୍କୁ ପ୍ରଶିକ୍ଷଣ ଦେଇଥିଲେ। ଅଧ୍ୟାପକ ଲେସ ସବର, ଭାସ୍କର ସାହୁ, କ୍ଷୀରୋଦ ଚନ୍ଦ୍ର ନାୟକ, ରତ୍ନାକର ମିଶ୍ର, ଜ୍ଞାନେନ୍ଦ୍ର ତ୍ରିପାଠୀ, ସୂର୍ଯ୍ୟ ଗଉଡ, କିଙ୍କର ବେହେରା ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## ଖଇରପୁଟରେ ଖାଦ୍ୟମେଳା

ଗୋବିନ୍ଦପାଲ୍ଲୀ, ୨୨।୨(ଡି.ଏନ୍.ଏ.)

ଖଇରପୁଟ ଦାମଲଦେଇ ଯାତ୍ରାରେ ମାଣ୍ଡିଆ ଓ କାଙ୍ଗୁରେ ପ୍ରସ୍ତୁତ ଖାଦ୍ୟକୁ ନେଇ ପଡିଥିବା ମେଳା ଏବର୍ଷର ମୁଖ୍ୟ ଆକର୍ଷଣ ପାଲଟିଥିଲା। ମାଣ୍ଡିଆ ଓ କାଙ୍ଗୁରେ ପ୍ରସ୍ତୁତ ହୋଇଥିବା ପିଠା, କାକରା, ଗୁଲୁଗୁଲା, ପକୁଡି, ବିସ୍କୁଟ, କାଙ୍ଗୁଖିରି ଏଠାରେ ପ୍ରଦର୍ଶିତ ହୋଇଥିଲା। ମାଧ୍ୟମ ଫେଡେରେଶନ, ୱାସନ ଅନୁଷ୍ଠାନ ଓ ମାଲକାନଗିରି କୃଷି ବିଭାଗ ସହାୟତାରେ ଏହି ଖାଦ୍ୟ ମେଳା ଅନୁଷ୍ଠିତ ହୋଇଛି। ଉପସ୍ଥିତ ଲୋକେ ଏହାର ମଜା ନେଇଥିଲେ। ଏହାକୁ ଏମ୍‌ପି ବଳଭଦ୍ର ମାଝି ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ବିଧାୟକ ଡମ୍ବରୁ ଶିଶା, କୃଷି ଉପନିର୍ଦ୍ଦେଶକ ରାମଚନ୍ଦ୍ର ପଟ୍ଟନାୟକ, ଜିଲା କୃଷି ଅଧିକାରୀ ବିଭୁପ୍ରସାଦ ଶତପଥୀ, ୱାସନ ଜିଲା ପ୍ରକଳ୍ପ ସଂଯୋଜକ ପ୍ରକାଶ ଚନ୍ଦ୍ର ମଲ୍ଲିକ, ସ୍ଥାନୀୟ ଆଇଆଇସି ଯୁଗଳ ସବଳ, ଭାରତୀୟ ଷ୍ଟେଟବ୍ୟାଙ୍କ ଶାଖା ପରିଚାଳକ, ରାସବେଡା ସରପଞ୍ଚ ପ୍ରମିଳା ଗୁଟା ଉପସ୍ଥିତ ଥିଲେ। ଆଗାମୀ ଦିନରେ ମାଣ୍ଡିଆ, ବିଭିନ୍ନ କ୍ଷୁଦ୍ରଶସ୍ୟର ଉତ୍ପାଦନ ସହ ଏହାର ଚାହିଦା ବୃଦ୍ଧି ଏହାର ଲକ୍ଷ୍ୟ ବୋଲି ଅତିଥିମାନେ କହିଥିଲେ। ଅନ୍ୟମାନଙ୍କମଧ୍ୟରେ ମାଧ୍ୟମ ଫେଡେରେଶନର ସୌଭାଗ୍ୟ ମିଶ୍ର, ସନ୍ତୋଷ ଜେନା, ଭୁବନାନନ୍ଦ ସାହୁ, ଦିଲୀପ କୁମାର ଦାସ ଓ ନାରୀ ଶକ୍ତି ସମବାୟ ସଭାପତି ରଶ୍ମିତା ଚାଲାଣ ଉପସ୍ଥିତ ଥିଲେ।



ଖାଦ୍ୟମେଳାରେ ଅତିଥିଙ୍କୁ ଖାଦ୍ୟ ପରଷା ଯାଉଛି ।

## ୨୫ରେ ମାଲକାନଗିରି, ବାଲିମେଳା ସହରବାସୀଙ୍କୁ ପଟ୍ଟା ମିଳିବ

### ସହରାଞ୍ଚଳ ଜାଗା ମିଶନ ଯୋଜନା

ମାଲକାନଗିରି, ୨୨।୨(ଡି.ଏନ୍.ଏ.)

ମାଲକାନଗିରି ପୌରପରିଷଦ ଏବଂ ବାଲିମେଳା ବିଜ୍ଞାପିତ ଅଞ୍ଚଳ ପରିଷଦ ଅଞ୍ଚଳରେ ସରକାରୀ ଜାଗାରେ ଘର କରି ବର୍ଷ ବର୍ଷ ଧରି ରହିଥିବା ଲୋକଙ୍କୁ ଆସନ୍ତା ୨୫ ତାରିଖରେ ପ୍ରଥମ ପର୍ଯ୍ୟାୟ ପଟ୍ଟା ପ୍ରଦାନ କରାଯିବ। ଶୁକ୍ରବାର ମାଲକାନଗିରି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ସହରାଞ୍ଚଳ ଉନ୍ନୟନ ପରିଷଦ କେନ୍ଦ୍ରୀୟ କମିଟି ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। କମିଟି ଅଧକ୍ଷ ଜିଲାପାଳ ମୁନିଷ ଅଗ୍ରୱାଲଙ୍କ ଅଧକ୍ଷତାରେ ଆୟୋଜିତ ବୈଠକରେ ଡିଆରଡିଏ ପ୍ରକଳ୍ପ ନିର୍ଦ୍ଦେଶକ ଲିଙ୍ଗରାଜ ପଣ୍ଡା, ଏସଡିପିଓ ଋଷିକେଶ୍ ଖିଲାରି, ତହସିଲଦାର ଗୁଣନିଧି ନାୟକ, ପୌର ପରିଷଦ ନିର୍ବାହୀ ଅଧିକାରୀ ଏମ୍. ନୀଳକଣ୍ଠ ନାଇଡୁ, ବାଲିମେଳା ଏନଏସି ଅଧକ୍ଷ ଲକ୍ଷ୍ମୀ ପାଙ୍ଗି, ନିର୍ବାହୀ ଅଧିକାରୀ ସିପକ କୁମାର ପାତ୍ର, ନିର୍ବାହୀ ଯନ୍ତ୍ରୀ ଏନ୍.ବି. ହରି ରାଓ, ଜିଲା ସହରାଞ୍ଚଳ ଉନ୍ନୟନ ବିଭାଗ ଅଧିକାରୀ ରଶ୍ମିରଞ୍ଜନ, ମାଲକାନଗିରି ଆଇଆଇସି ସୌମେନ୍ଦ୍ର ଶେଖର ତ୍ରିପାଠୀ, ନିତ୍ୟାନନ୍ଦ ପ୍ରଧାନ, ଦୁର୍ଗା ତ୍ରିପାଠି ପ୍ରମୁଖ ଉପସ୍ଥିତ ଥିଲେ। ମାଲକାନଗିରି ପୌର ପରିଷଦର ୧୯ଟି ୱାର୍ଡରେ ୨୬ ବସ୍ତିରେ ସରକାରୀ ଜମିରେ ଘର କରି ବାସ କରୁଥିବା ବ୍ୟକ୍ତିଙ୍କୁ ଚିହ୍ନଟ କରାଯାଇଥିଲା। ମୋଟ ୨୦୩୮ଜଣ ପଟ୍ଟା ପାଇଁ ଆବେଦନ କରିଥିବାବେଳେ ସର୍ଭେ ପରେ ୧୮୫୧ ଜଣଙ୍କୁ ଚିହ୍ନଟ କରାଯାଇଛି। ୨୫ ତାରିଖରେ ୩୦୦ଜଣଙ୍କୁ ପଟ୍ଟା ଦିଆଯିବ। ଅନ୍ୟମାନଙ୍କୁ ଜାଗାର କିସମ ପରିବର୍ତ୍ତନ ଏବଂ ଅନ୍ୟ ଜମିଜମା ସମ୍ବନ୍ଧୀୟ ତଥ୍ୟ ସମ୍ପର୍କରେ ସଂଶୋଧନ କରାଯାଇ ବିଭିନ୍ନ ପର୍ଯ୍ୟାୟରେ ଦୁଇମାସ ମଧ୍ୟରେ ପଟ୍ଟା ଦିଆଯିବ। ଯେଉଁ ହିତାଧିକାରୀମାନେ ୩୨୩ ବର୍ଗଫୁଟ ମଧ୍ୟରେ ଘର କରିରହିଛନ୍ତି ସେମାନେ ମାଗଣାରେ ଏହି ପଟ୍ଟା ପାଇବେ। ୪୯୮ ବର୍ଗଫୁଟରେ ଘର କରିଥିଲେ ୩୨୩ ବର୍ଗଫୁଟକୁ ବାଦ ଦେଇ ଅବଶିଷ୍ଟ ଜାଗାର ସରକାରୀ ମଲ୍ୟର ୨୫ ପ୍ରତିଶତ ଅର୍ଥ ଦେଇ ୪୯୮ ବର୍ଗଫୁଟର ପଟ୍ଟା ପାଇବେ। ସେହିପରି ୪୮୪ରୁ ୮୬୮ ବର୍ଗଫୁଟ ମଧ୍ୟରେ ଯେଉଁମାନେ ଘର କରିଥିବେ ୩୨୩ ବର୍ଗଫୁଟ ବାଦ ଦେଇ ସରକାରୀ ମୂଲ୍ୟର ୫୦ ପ୍ରତିଶତ ଅର୍ଥ ପୈଠ କରି ପଟ୍ଟା ପାଇବେ। ଆବାଦ ଯୋଗ୍ୟ ଅନାବାଦି ଜାଗାକୁ ପ୍ରଥମ ପର୍ଯ୍ୟାୟରେ ପଟ୍ଟା ଦିଆଯିବ। ସେହିପରି ବାଲିମେଳା ଏନ୍ଏସିରେ ୧୬୧୬ଜଣ ଆବେଦନକାରୀଙ୍କ ମଧ୍ୟରୁ ୧୪୭୭ଜଣ ପଟ୍ଟା ପାଇବାକୁ ଚିହ୍ନଟ ହୋଇଛନ୍ତି। ୭୭ଜଣ ହିତାଧିକାରୀ ପାହାଡ ଉପରେ ଘର କରିଥିବାରୁ ସେମାନଙ୍କୁ ସ୍ଥାନାନ୍ତର କରାଯାଇ ଅନ୍ୟ ସ୍ଥାନରେ ଜାଗା ଦିଆଯିବ। ପ୍ରଥମେ ୨୯୬ଜଣ ପଟ୍ଟା ପାଇବେ।






Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor-Tathagata Satpathy, ସମ୍ପାଦକ –ତଥାଗତ ସତପଥୀ



ଭଗବାନଙ୍କୁ ନିଜଠାରୁ ଆପଣାର ବୋଲି ଜାଣି ଯିଏ ତାଙ୍କ ପାଇଁ ଜୀବନର ସମସ୍ତ ସୁଖ, ଭୋଗ, ବାସନା ତ୍ୟାଗ କରିଛି, ସେ ତାଙ୍କର ଅତି ନିକଟତର ହୋଇଛି। -ବ୍ରହ୍ମାନନ୍ଦ ସ୍ୱାମୀ



## ସଂକ୍ଷେପରେ

### ମାଓବାଦୀ ଗିରଫ

ରାୟଗଡା ଅଫିସ୍, ୨୨।୨- ରାୟଗଡା ଜିଲା କଲ୍ୟାଣସିଂହପୁର ପୋଲିସ ଜଣେ ମାଓବାଦୀକୁ ଗିରଫ କରିଛି । ସେ ହେଲେ ନିଶିଖାଲ ଗ୍ରାମର ଶ୍ରୀରାମ ସୁନା । ୨୦୧୭ରେ ଏକ ଠିକା କ୍ୟାମ୍ପ ଉପରେ ମାଓବାଦୀମାନେ ଆକ୍ରମଣ କରି ପୋଡାଜଳା କରିଥିଲେ । ପାର୍ସାଲିଠାରୁ ଗୁମ୍ମା ପର୍ଯ୍ୟନ୍ତ ନିର୍ମାଣଧୀନ ରାସ୍ତାକୁ ବିରୋଧ କରି ସିପିଆଇ(ମାଓବାଦୀ) ସଙ୍ଗଠନ ପକ୍ଷରୁ ଟ୍ରାକ୍ଟର, ଜେସିବି ଓ ଅନ୍ୟାନ୍ୟ ସାମଗ୍ରୀ ପୋଡାଜଳା କରାଯାଇଥିଲା। ଏନେଇ ଠିକାଦାର ଦିନବନ୍ଧୁ ଚୌଧୁରୀ କଲ୍ୟାଣସିଂହପୁର ଥାନାରେ ମାମଲା ରୁଜୁ କରିଥିଲେ । ପୋଲିସ ଏକ ମାମଲା ୧୧/୧୭ ରୁଜୁ କରି ତଦନ୍ତ ଚଳାଇଥିଲା । ଏହି ଘଟଣାରେ ଶ୍ରୀରାମ ସାମିଲ ରହିଥିବା ନେଇ ପୋଲିସ ତଦନ୍ତରୁ ଜଣାପଡିଥିଲା । ଗତ ବୁଧବାର ରାତିରେ ପୋଲିସ ଶ୍ରୀରାମଙ୍କୁ ଗିରଫ କରି ଗୁରୁବାର କୋର୍ଟଚାଲାଣ କରିଛି ବୋଲି ଅତିରିକ୍ତ ଏସ୍‌ପି ଅଶୋକ ସାହୁ ପ୍ରକାଶ କରିଛନ୍ତି ।

### ୭୧ କେଜି ଗଞ୍ଜେଇ ଜବତ, ୨ ଗିରଫ

ଜେକେପୁର, ୨୨।୨(ଡ଼ି.ଏନ.ଏ): ରାୟଗଡା ଜିଲା ଚାନ୍ଦିଲି ପୋଲିସ ୭୧ କେଜି ଗଞ୍ଜେଇ ଜବତ କରିବା ସହ ୨ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ସେମାନେ ହେଲେ ଗୁଣପୁର ଥାନା ଅନ୍ତର୍ଗତ ଗୁମୁଡା ଗ୍ରାମର ଶ୍ରୀରାମ ରବୀନ୍ଦ୍ର (୩୦) ଓ ବିଷମକଟକ ଥାନା ଅନ୍ତର୍ଗତ ସୀମାଞ୍ଚଳ କୁଟ୍ରୁକା । ଜବତ ଗଞ୍ଜେଇର ମୂଲ୍ୟ ଲକ୍ଷାଧିକ ଟଙ୍କା ହେବ ବୋଲି ଅନୁମାନ କରାଯାଇଛି । କୌଣସି ସୂତ୍ରରୁ ଖବରପାଇ ଚାନ୍ଦିଲି ଥାନା ଅଧିକାରୀ ଡିଏସପି ସତ୍ୟବିକାଶ ଭୂୟାଁଙ୍କ ନିର୍ଦ୍ଦେଶକ୍ରମେ ଥାନାର ଏକ ଟିମ୍ ଗତ ଗୁରୁବାର ରାୟଗଡା ବ୍ଲକର କନ୍ଧମାଲିଗାଁ ପଞ୍ଚୟତ ଅନ୍ତର୍ଗତ କାଶିଲି ଗ୍ରାମ ନିକଟରେ ଚଢାଉ କରିଥିଲା । ଶ୍ରୀରାମ ଓ ସୀମାଞ୍ଚ ଏକ ପାହାଡିଆ ଅଞ୍ଚଳରେ ୩ଟି ବସ୍ତାରେ ୭୧କେଜିରୁ ଉର୍ଦ୍ଧ୍ୱ ଗଞ୍ଜେଇ ଧରି ଗ୍ରାହକଙ୍କୁ ବିକ୍ରି କରିବା ଉଦ୍ଦେଶ୍ୟରେ ଅପେକ୍ଷା କରିଥିଲେ । ଏହି ସମୟରେ ପୋଲିସ ସେଠାରେ ପହଞ୍ଚି ସେମାନଙ୍କୁ ଗିରଫ କରିବା ସହ ଗଞ୍ଜେଇ ଜବତ କରିଥିଲା । ଏନେଇ ଚାନ୍ଦିଲି ଥାନାରେ ଏକ ମାମଲା ( ନମ୍ବର ୩୩/୨୦୧୯) ରୁଜୁ କରାଯାଇଛି ।

### ସମାଜସେବା ପାଇଁ ଦୁର୍ଗା ପଣ୍ଡା ସମ୍ମାନିତ



ରାୟଗଡା ଅଫିସ୍, ୨୨।୨: ରାୟଗଡା ଜିଲା କଂଗ୍ରେସ କମିଟି ସଭାପତି ଦୁର୍ଗାପ୍ରସାଦ ପଣ୍ଡା ସମାଜସେବା କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ସମ୍ମାନିତ ହୋଇଛନ୍ତି । ଭୁବନେଶ୍ୱରଠାରେ ଆୟୋଜିତ ଏକ ବର୍ଣ୍ଣାଢ଼୍ୟ ଉତ୍ସବରେ ପଣ୍ଡାଙ୍କୁ କଳିଙ୍ଗ ଗୌରବ ସମ୍ମାନରେ ସମ୍ମାନିତ କରାଯାଇଛି । ରାଜ୍ୟସଭା ସଦସ୍ୟ ପଦ୍ମଭୂଷଣ ରଘୁନାଥ ମହାପାତ୍ର ଓ ପଦ୍ମଶ୍ରୀ ତୁଳସୀ ମୁଣ୍ଡା ତାଙ୍କୁ ମାନପତ୍ର ଓ ଟ୍ରଫି ପ୍ରଦାନ କରିଥିଲେ । ପଣ୍ଡା ରାଜନୀତି ବ୍ୟତୀତ ସମାଜସେବା କ୍ଷେତ୍ରରେ ରାୟଗଡା ଓ ଗଞ୍ଜାମ ଜିଲାରେ କାର୍ଯ୍ୟ କରି ଆସୁଛନ୍ତି ।

■ ରାଜ୍ୟ ଖାଦ୍ୟ ଆୟୋଗ ଅଧ୍ୟକ୍ଷଙ୍କ ଚନ୍ଦ୍ରପୁର ଗସ୍ତ

# ଗ୍ରାମବାସୀଙ୍କ ସମସ୍ୟା ପଚାରି ବୁଝିଲେ

ଚନ୍ଦ୍ରପୁର, ୨୨।୨ (ଡି.ଏନ୍.ଏ.)



ରାଜ୍ୟ ଖାଦ୍ୟ ଆୟୋଗ ଅଧ୍ୟକ୍ଷ ରଙ୍ଗଲାଲ ଜାମୁଡା ଗ୍ରାମବାସୀଙ୍କ ସହ ଆଲୋଚନା କରୁଛନ୍ତି ।

ଓଡ଼ିଶା ରାଜ୍ୟ ଖାଦ୍ୟ ଆୟୋଗ ଅଧ୍ୟକ୍ଷ ରଙ୍ଗଲାଲ ଜାମୁଡା ଶୁକ୍ରବାର ରାୟଗଡ଼ା ଜିଲା ଚନ୍ଦ୍ରପୁର ବ୍ଲକ ଗସ୍ତ କରି ବିଭିନ୍ନ ପଞ୍ଚାୟତ ପରିଦର୍ଶନ କରିଛନ୍ତି। ପ୍ରଥମେ ହନୁମନ୍ତପୁର ପଞ୍ଚାୟତର ମକାନଗୁଡି ଗ୍ରାମରେ ପହଞ୍ଚି ଗ୍ରାମବାସୀ ଓ ସ୍ୱୟଂସହାୟକ ଗୋଷ୍ଠୀର ମହିଳାମାନଙ୍କ ସହ ଆଲୋଚନା କରିଥିଲେ । ଜଙ୍ଗଲ ଜମି ପଟା ମିଳିବା, ଗୋଷ୍ଠୀଗତ ପଟା, ଜାତୀୟ ଖାଦ୍ୟ ସୁରକ୍ଷାରେ ରହିଥିବା ସୁବିଧା, ରାଶନକାର୍ଡ, ପୁଷ୍ଟିକର ଖାଦ୍ୟ, ବାର୍ଦ୍ଧକ୍ୟ ଭତ୍ତା, ବିଧବା ଭତ୍ତା, ଇନ୍ଦିରା ଆବାସ ଗୃହ, ସ୍ୱାସ୍ଥ୍ୟ ସମସ୍ୟା, ମମତା ଯୋଜନା ସମେତ ସରକାରଙ୍କ ତରଫରୁ ଗରିବ ହିତାଧିକାରୀମାନଙ୍କ ପାଇଁ ରହିଥିବା ସୁବିଧା ସୁଯୋଗ ସମ୍ପର୍କରେ ଆଲୋଚନା କରିଥିଲେ । ଏଥିସହ ଅଞ୍ଚଳରେ ରହିଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ ପଚାରି ବୁଝିଥିଲେ। ଏଠାରେ ରୋଗୀଙ୍କୁ ବିନା ଲାଞ୍ଚରେ ଔଷଧ ମିଳୁ ନାହିଁ ବୋଲି ହନୁମନ୍ତପୁର ଗ୍ରାମର ସୁନିଲ ବଳିଆରସିଂ ଅଭିଯୋଗ କରିଥିଲେ। ସେହିପରି ଅଧିକାଂଶ ସମୟ ଅଙ୍ଗନୱାଡି କେନ୍ଦ୍ର ଖୋଲୁ ନାହିଁ ବୋଲି ମିଟୁ ବେହେରା ଏବଂ ମକାନଗୁଡି ଗ୍ରାମବାସୀ ଅଭିଯୋଗ କରିଥିଲେ। ଆଇସିଡିଏସ୍ ଯୋଜନା ସମ୍ପର୍କରେ ସୁପରଭାଇଜର ମିନାକ୍ଷୀ ସାହୁ ସୂଚନା ଦେଇଥିଲେ। ବସୁନ୍ଧରା ଏନ୍‌ଜିଓର ପୁଷ୍ପାଞ୍ଜଳି ଶତପଥୀ ଜଙ୍ଗଲ ଜମିପଟା ସୁରକ୍ଷା ସମ୍ପର୍କରେ କହିଥିଲେ। ଅଧ୍ୟକ୍ଷ ରଙ୍ଗଲାଲ ଜାମୁଡାଙ୍କ ଗସ୍ତ ସମୟରେ ରାଜ୍ୟ ଖାଦ୍ୟ ଆୟୋଗ ଭୁବନେଶ୍ୱରର ପ୍ରଶାସନିକ ଅଧିକାରୀ ସମରେନ୍ଦ୍ର ଷଡ଼ଙ୍ଗୀ, ଗୁଣପୁର ପିଏ ଆଇଟିଡିଏ ଗୋରାଚାନ୍ଦ ଗମାଙ୍ଗ, ଚନ୍ଦ୍ରପୁର ବିଡ଼ିଓ ଜର୍ଜ ଡୁଙ୍ଗଡୁଙ୍ଗ, ତହସିଲଦାର ଫର୍ଣ୍ଣାନନ୍ଦ ଏକା, ଯୋଗାଣ ନିରୀକ୍ଷକ ମାନସ କୁମାର ଜେନା, ଗ୍ରାମ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ତଲୱାର ଜେନା, ହନୁମନ୍ତପୁର ସରପଞ୍ଚ କାଉ ମୁନି, ସନ୍ତୋଷ ପରିଡା, ଚନ୍ଦ୍ରମା ମାଳ ବିଶୋଇ, ପୂର୍ବତନ ସରପଞ୍ଚ ଦୟାନିଧି ପାତ୍ର, ସତ୍ୟ ନାରାୟଣ ପ୍ରଟିକା, ଏସ୍. ଈଶ୍ୱର ରାଓ ପ୍ରମୁଖ ଉପସ୍ଥିତ ଥିଲେ। ପରେ ହନୁମନ୍ତପୁର ପଞ୍ଚାୟତର ରାଇବିଜି ଗ୍ରାମରେ ଏକ ବୈଠକ କରି ଜଙ୍ଗଲ ଜମି ପଟ୍ଟା ପ୍ରଦାନ ସମ୍ପର୍କରେ ଆଲୋଚନା କରିଥିଲେ । ବୁଢ଼ିବାଲି ପଞ୍ଚାୟତର କରଚିଗୁଡା ଗ୍ରାମର ୩୨ ଜଣ ହିତାଧିକାରୀଙ୍କୁ ଅଧ୍ୟକ୍ଷ ଜାମୁଡା ଜଙ୍ଗଲ ଜମି ପଟା ପ୍ରଦାନ କରିଥିଲେ ।

# ପାଣିଟାଙ୍କିରେ ଚାଲାଣ ବେଳେ ୪ ଶହ କେ.ଜି. ଗଞ୍ଜେଇ ଜବତ

ପଦ୍ମପୁର, ୨୨।୨(ଡ଼ି.ଏନ.ଏ)

ରାୟଗଡା ଜିଲାର ପଦ୍ମପୁରରେ ବ୍ୟବସାୟୀମାନେ ଗଞ୍ଜେଇ ଚୋରାଚାଲାଣ କରିବା ପାଇଁ ନୂଆ ନୂଆ କୌଶଳ ଅବଲମ୍ବନ କରୁଛନ୍ତି । କେତେବେଳେ ତସୁ ବୋଝେଇ ଗାଡିରେ ତ ଆଉ କେତେବେଳେ ଟ୍ରାକ୍ଟର ଟ୍ୟୁବ ମଧ୍ୟରେ ଚାଲାଣ କରୁଛନ୍ତି । ସେହିପରି ଗୁରୁବାର ରାତିରେ ପାଣିଟାଙ୍କିରେ ୪ଶହ ୩୩ କେଜି ଗଞ୍ଜେଇ ଚାଲାଣ ହେଉଥିବାବେଳେ ପଦ୍ମପୁର ପୋଲିସ ଜବତ କରିବା ସହ ୪ ଜଣଙ୍କୁ ଗିରଫ କରିଛି । ଗିରଫ ବ୍ୟକ୍ତିମାନେ ହେଲେ ନନ୍ଦ୍ରା ଗ୍ରାମର ଲାଙ୍ଗି ମାଝି (୩୦), ତାମିଲନାଡୁର କାଶୀ ମାରଗାନ (୩୨), ରାୟଗଡ଼ାର ପି. ପରିମିଳା (୫୭), ପି.କେ.ନଗରର ଜାଙ୍ଗାରାଲୁ ପାଞ୍ଜାଙ୍ଗି (୩୭) । ଏଥିସହ ବ୍ୟବହୃତ ଟାଙ୍କି, ଟ୍ରାକ୍ଟର,୪ଟି ମୋବାଇଲ ଜବତ କରିଛି। ଜବତ ଗଞ୍ଜେଇର ଆନୁମାନିକ ମୂଲ୍ୟ ୨୫ ଲକ୍ଷ ଟଙ୍କା ହେବ ବୋଲି ପୋଲିସ କହିଛି । ସେମାନଙ୍କୁ ଗୁଣପୁର କୋର୍ଟକୁ ଚାଲାଣ କରିଛି । ପଦ୍ମପୁର ଥାନା ଆଇଆଇସି ଜୟଶ୍ରୀ ପ୍ରଧାନଙ୍କ ନେତୃତ୍ୱରେ କେନ୍ଦୁଗୁଡାର ଦିପ୍ତିରଞ୍ଜନ ସାହୁ, ପୁରୁଷୋତ୍ତମ ଜାନି, ତ୍ରିନାଥ ତୋଟାପଡିଆ ପଦ୍ମପୁରଠାରୁ ୨୫କିମି ଦୂର ପାଦିଲିବନ୍ଧ ଗ୍ରାମ ନିକଟରୁ ଏହି ସବୁ ଗଞ୍ଜେଇକୁ ଜବତ କରିଛନ୍ତି ।



ଜବତ ହୋଇଥିବା ଗଞ୍ଜେଇ ଓ ଗିରଫ ଅଭିଯୁକ୍ତ ।

## ସିଆରପିଏଫ୍ ପକ୍ଷରୁ ଜନସମ୍ପର୍କ ଶିବିର




ଶିବିରରେ ଯୋଗ ଦେଇଥିବା ଅତିଥିଙ୍କ ସହ ଶିକ୍ଷୟିତ୍ରୀଶିକ୍ଷକ ଓ ଛାତ୍ରୀଛାତ୍ର ।

ରାୟଗଡା ଅଫିସ୍, ୨୨।୨

କୋଲନରା ବ୍ଲକ୍ ମୁକୁନ୍ଦପୁର ଠାରେ ଥିବା ଦିବ୍ୟ ଦର୍ଶନ ଆଶ୍ରମ ପରିସରରେ ରାୟଗଡାସ୍ଥିତ ସିଆର୍‌ପିଏଫ୍ ଚତୁର୍ଥ ବାଟାଲିୟନ୍ ପକ୍ଷରୁ ଏକ ଜନସମ୍ପର୍କ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ ସିଆର୍‌ପିଏଫ୍ ଡେପୁଟି କମାଣ୍ଡାଣ୍ଟ ଅଶୋକ ପିଏମ୍, ଇନ୍ସପେକ୍ଟର ମୂରଲୀ ସାହୁ ଉପସ୍ଥିତ ଥିଲେ । ଗ୍ରାମବାସୀ ଓ ଯବାନ୍‌ଙ୍କ ମଧ୍ୟରେ ସୁସମ୍ପର୍କ ସ୍ଥାପନ କରିବା ଓ ଗ୍ରାମବାସୀଙ୍କ ମନରେ ଥିବା ଭୟକୁ ଦୂର କରିବା ହେଉଛି ଏହି ଶିବିରର ଲକ୍ଷ୍ୟ । ଏହି ଅବସରରେ ବିଭିନ୍ନ ସ୍କୁଲର ୩୦୦ ଜଣ ଛାତ୍ରୀଛାତ୍ରଙ୍କୁ ପାଠ୍ୟସାମଗ୍ରୀ ପ୍ରଦାନ କରାଯାଇଥିଲା । ଜିଲା ପରିଷଦ ସଭ୍ୟ ଆଶୁତୋଷ କିଲାକା, ଆଦିବାସୀ ସଂଘ ସଭାପତି ଜାଲନ୍ଦୁ କଣ୍ଡାଗିରି, ମୁକୁନ୍ଦପୁର ସରପଞ୍ଚ ସିଆ କଣ୍ଡାଗିରି, କୈଳାସପୁର ସରପଞ୍ଚ ଅଭିରାମ ଉଲ୍ଲାକା, ମୁକୁନ୍ଦପୁର ଫାଣ୍ଡି ଏଏସ୍‌ଆଇ ହରିଚନ୍ଦ୍ର ପାଣି ଉପସ୍ଥିତ ଥିଲେ ।

# ହଟ୍ଟଗୋଳରେ ସରିଲା ପଞ୍ଚାୟତ ସମିତି ବୈଠକ

ରାମନାଗୁଡ଼ା,୨୨।୨(ଡ଼ି.ଏନ.ଏ.)



ବୈଠକରେ ଅଧିକାରୀ ଓ ଜନପ୍ରତିନିଧିମାନେ ।

ରାୟଗଡା ଜିଲା ରାମନାଗୁଡା ପଞ୍ଚାୟତ ସମିତି ସଭାଗୃହରେ ଚାଲିଥିବା ପଞ୍ଚାୟତ ସମିତି ବୈଠକରେ ପ୍ରାରମ୍ଭରୁ ଦେଖାଦେଇଥିଲା ହଟ୍ଟଗୋଳ। ପଞ୍ଚାୟତ ସମିତି ଅଧ୍ୟକ୍ଷା ରଜନୀ ମାଣ୍ଡାଙ୍ଗିଙ୍କ ଅଧ୍ୟକ୍ଷତାରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ବିଡିଓ ସୁଧାକର ରାଉତ,ପଞ୍ଚାୟତ ସମିତି ଉପାଧ୍ୟକ୍ଷ ସୂର୍ଯ୍ୟାରାଓ କୁମ୍ଭୁରିକା,ଜିଲା ପରିଷଦ ସଭ୍ୟା(କ)ପୁଷ୍ପାଞ୍ଜଳି ମୁଟିକା, (ଖ)ଜୋନ୍‌ର ଶାରଦା ସେନାପତି, ଡଃ.ଭାଗବତ ପ୍ରସାଦ ପାଢୀ, ବିଧାୟକ ପ୍ରତିନିଧି ଦାମ କୈବର୍ତ୍ତ, ଜିପିଇଓ ପ୍ରଭାତ ଶତପଥୀଙ୍କ ସମେତ ସମସ୍ତ ସରପଞ୍ଚ ଓ ସମତି ସଭ୍ୟ ଦେଇଥିଲେ। ବୈଠକ ପ୍ରାରମ୍ଭରୁ ହିଁ ଜନ ପ୍ରତିନିଧିମାନେ ପ୍ରବଳ ହଟ୍ଟଗୋଳ କରିଥିଲେ । ରାଜ୍ୟ ସରକାରଙ୍କ ଆମ ଗାଁ ଆମ ବିକାଶ କାର୍ଯ୍ୟକ୍ରମରେ ଅନାବଶ୍ୟକ ସ୍ଥଳରେ ପ୍ରକଳ୍ପ ନିର୍ମାଣ କରାଇବା ଓ ସରକାର ପିସି କାରବାରକୁ ବନ୍ଦ କରିବା ପାଇଁ ନିର୍ଦ୍ଦେଶ ଦେଇଥିବା ବେଳେ ରାମନାଗୁଡା ବ୍ଲକରେ କାହିଁକି ଏହା ବନ୍ଦ ହେଉନାହିଁ ବୋଲି କହି ହୋହାଲ୍ଲା କରିଥିଲେ। ଆମ ଗାଁ ଆମ ବିକାଶ ଯୋଜନାରେ ସରକାର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ପାଇଁ ପ୍ରତି ପଞ୍ଚାୟତକୁ ୧୨ ଲକ୍ଷ ଟଙ୍କା ପ୍ରଦାନ କରୁଥିବା ବେଳେ ବ୍ଲକ ପ୍ରଶାସନ ପକ୍ଷରୁ ୫ ଲକ୍ଷ ଟଙ୍କା ଦିଆଯାଉଛି । ପ୍ରତି ପଞ୍ଚାୟତର ସରପଞ୍ଚମାନଙ୍କଠାରୁ ୨୫ ହଜାର ଟଙ୍କା ଲେଖାଏଁ ପିସି ନିଆ ଯାଉଥିବା ଅଭିଯୋଗ କରି ଜନପ୍ରତିନିଧିମାନେ ହଟ୍ଟଗୋଳ କରିଥିଲେ। ସେହିପରି ରାମନାଗୁଡା ବ୍ଲକକୁ ୯୪ଟି ପ୍ରକଳ୍ପ ପାଇଁ ସରକାରଙ୍କ ନିକଟକୁ ପ୍ରସ୍ତାବ ଦିଆଯାଇଥିବା ବେଳେ ମାତ୍ର ୬୪ଟି ପ୍ରକଳ୍ପ ଆସିଛି ବୋଲି ବିଡିଓ ରାଉତ ସୂଚନା ଦେଇଥିବା ବେଳେ ଏହାକୁ ନେଇ ମଧ ହଟ୍ଟଗୋଳ ହୋଇଥିଲା। ସେହିପରି ବୈଠକରେ ବ୍ଲକର ଟିକରପଡା ଆଶ୍ରମ ବିଦ୍ୟାଳୟରେ ୪୫୦ ପିଲା ଅଧ୍ୟୟନରତ ଥିବା ବେଳେ ଆବଶ୍ୟକ ମୁତାବକ ଶିକ୍ଷକ ନ ଥିବା ଓ ଭଗ୍ନବସ୍ଥାରେ ଥିବା ଶ୍ରେଣୀଗୃହଗୁଡିକର କେବେ ମରାମତି ହେବ ସେ ନେଇ ଉକମ୍ବା ସରପଞ୍ଚ ବନମାଳୀ ଗମାଙ୍ଗ ପ୍ରଶ୍ନ କରିଥିଲେ। ଦିନକୁ ଦିନ ଗ୍ରୀଷ୍ମ ପ୍ରବାହ ବୃଦ୍ଧି ହେଉଥିବାରୁ ଯଥାଶୀଘ୍ର ସମସ୍ତ ପଞ୍ଚାୟତରେ ପାନୀୟ ଜଳ ସମସ୍ୟାକୁ ଗୁରୁତ୍ୱ ଦେବା ପାଇଁ ଜନ ପ୍ରତିନିଧିମାନେ ପ୍ରକାଶ କରିଥିଲେ। କାଳିଆ ଯୋଜନାରେ ଅନେକ ଚାଷୀ ଟଙ୍କା ପାଇ ନ ଥିବାରୁ ସେଥିପ୍ରତି ଦୃଷ୍ଟି ଦେବା ପାଇଁ ଆଲୋଚନା ହୋଇଥିଲା। ସେହିପରି ଉକୁମ୍ବା ପଞ୍ଚାୟତର ଢେପାଗୁଡା, ପୂଜାରିଗୁଡା ଓ ଏରାଗୁଡା ଗାଁକୁ ବିଦ୍ୟୁତ ସଂଯୋଗ କରିବାକୁ ସରପଞ୍ଚ ବନମାଳୀ ଗମାଙ୍ଗ ଦାବି କରିଥିଲେ ।

## ଏଲ୍‌ଇଡି ଲାଇଟ୍‌ର ଶୁଭାରମ୍ଭ

ରାୟଗଡା ଅଫିସ୍, ୨୨।୨

ଶୁକ୍ରବାର ରାୟଗଡା ପୌରାଞ୍ଚଳର ପରିବା ମାର୍କେଟରେ ସ୍ମାର୍ଟ ଏଲ୍‌ଇଡି ଲାଇଟ୍ ସଂଯୋଗର ଶୁଭାରମ୍ଭ ହୋଇଛି। ଏଥିରେ ରାୟଗଡା ବିଧାୟକ ଲାଲ୍‌ବିହାରୀ ହିମିରିକା ଯୋଗ ଦେଇ ଏହାକୁ ଶୁଭାରମ୍ଭ କରିଥିଲେ । ଏହି କାର୍ଯ୍ୟକ୍ରମରେ ପୌର ନିର୍ବାହୀ ଅଧିକାରୀ ମଙ୍ଗେଲାଲ ଜୈନ, ପୂର୍ବତନ କାଉନସିଲର ମଞ୍ଜୁଶ୍ରୀ ମୁର୍ଖାଜୀ, ସୁଜାତା ପାଲଙ୍କ ସମେତ ଅନ୍ୟ କାଉନ୍ସିଲରମାନେ ଉପସ୍ଥିତ ଥିଲେ । ରାୟଗଡା ପୌରାଞ୍ଚଳର ଯେଉଁ ସ୍ଥାନଗୁଡିକରେ ଆଲୋକୀକରଣର ବ୍ୟବସ୍ଥା ନାହିଁ ଉକ୍ତ ସ୍ଥାନଗୁଡିକ ପୌର ପରିଷଦ ପକ୍ଷରୁ ଚିହ୍ନଟ କରାଯାଇ ଏହି ଯୋଜନା ମାଧ୍ୟମରେ ଏଲ୍‌ଇଡି ଲାଇଟ୍ ଲଗାଯିବ ।

## ଏସଡିପିଓଙ୍କ କାର୍ଯ୍ୟରେ ଯୋଗଦାନ

ଗୁଣପୁର,୨୨।୨(ଡି.ଏନ.ଏ)

ରାୟଗଡା ଜିଲା ଗୁଣପୁର ନୂତନ ପୋଲିସ ଏସଡିପିଓ ଭାବେ ରାଜକିଶୋର ଦାସ ଗୁରୁବାର କାର୍ଯ୍ୟରେ ଯୋଗ ଦେଇଛନ୍ତି । ସେ ପୂର୍ବରୁ ରାୟଗଡା ଏସଡିପିଓ ଭାବେ କାର୍ଯ୍ୟ କରୁଥିଲେ। ସେହିପରି ଗୁଣପୁରର ଏସଡିପିଓ ଥିବା ଅଶ୍ୱିନୀ ନାୟକଙ୍କୁ ଲକ୍ଷ୍ମୀପୁର ଏସଡିପିଓ ଭାବେ ବଦଳି କରାଯାଇଛି ।

# ଆଦର୍ଶ ବିଦ୍ୟାଳୟ ବାର୍ଷିକ ଉତ୍ସବ

ମୁନିଗୁଡ଼ା,୨୨।୨(ଡି.ଏନ୍.ଏ.)

ରାୟଗଡ଼ା ଜିଲା ମୁନିଗୁଡ଼ାସ୍ଥିତ ଆଦର୍ଶ ବିଦ୍ୟାଳୟର ପ୍ରଥମ ବର୍ଷ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟ ଅଧ୍ୟକ୍ଷ ଅଚ୍ୟୁତାନନ୍ଦ ମହାଲିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁନିଗୁଡ଼ା ବିଡିଓ ଡା. ଦିଲୀପ କୁମାର ବେହେରା ମୁଖ୍ୟଅତିଥି, ମୁନିଗୁଡା ମହାବିଦ୍ୟାଳୟ ଅଧ୍ୟକ୍ଷ ଡା. ଦେବନନ୍ଦ ମିଶ୍ର ମୁଖ୍ୟବକ୍ତା, ଡା. ଦେବାଶିଷ ଗୌଡ଼, ମୁନିଗୁଡା ବ୍ଲକ ଶିକ୍ଷାଧିକାରୀ ରାଧାକାନ୍ତ ଛତ୍ରୀ, ଜିଲା ପରିଷଦ ଉପାଧ୍ୟକ୍ଷା ବୀଣାପାଣି ସାହୁକାର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଭବିଷ୍ୟତରେ ସମସ୍ତ ଛାତ୍ରୀଛାତ୍ର ସୁନାଗରିକ ହେବାକୁ ପରାମର୍ଶ ଦେଇଥିଲେ । ପରେ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରମାନଙ୍କୁ ମାନପତ୍ର ଓ ଟ୍ରଫି ପ୍ରଦାନ କରାଯାଇଥିଲା । ଶେଷରେ ବିଦ୍ୟାଳୟ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମକୁ ବିଦ୍ୟାଳୟ ଶିକ୍ଷକ ମିତିଶ କୁମାର ବଣିଆ, ଅଶୋକ ମଣ୍ଡିଙ୍ଗି, ଶିକ୍ଷୟିତ୍ରୀ ନଳିନୀ ସେଠ, ପୁଷ୍ପାଞ୍ଜଳି ଭୋଇ, ଆଞ୍ଜୁଳତା ପାତ୍ର ପ୍ରମୁଖ ପରିଚାଳନା ଓ ସହଯୋଗ କରିଥିଲେ ।



ସାଂସ୍କୃତିକ କାର୍ଯ୍ୟକ୍ରମରେ ଭାଗ ନେଇଥିବା ଛାତ୍ରୀମାନେ ।

# ୧୧ ହଜାର ୪୦୭ ଛାତ୍ରୀଛାତ୍ର ଦେଲେ ମାଟ୍ରିକ୍ ପରୀକ୍ଷା

ରାୟଗଡା ଅଫିସ୍/ଗୁଣପୁର/ମୁନିଗୁଡ଼ା/ଟିକିରି, ୨୨।୨(ଡ଼ି.ଏନ.ଏ)



ମୁନିଗୁଡ଼ାର ଏକ କେନ୍ଦ୍ରରେ ଛାତ୍ରୀଛାତ୍ର ପରୀକ୍ଷା ଦେଉଛନ୍ତି ।

ରାୟଗଡ଼ା ଜିଲାର ବିଭିନ୍ନ କେନ୍ଦ୍ରରେ ମାଟ୍ରିକ୍ ପରୀକ୍ଷା ଶୁକ୍ରବାର ଆରମ୍ଭ ହୋଇଛି। ଜିଲାର ୧୧ଟି ବ୍ଲକ୍‌ର ୫୨ଟି ପରୀକ୍ଷା କେନ୍ଦ୍ରରେ ୧୧ହଜାର ୬୦୩ ଜଣ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୧୧ହଜାର ୪୦୭ଜଣ ପରୀକ୍ଷା ଦେଇଛନ୍ତି । ୧୯୬ଜଣ ଛାତ୍ରୀଛାତ୍ର ଅନୁପସ୍ଥିତ ଥିବା ଜଣାପଡିଛି। ସବୁ ପରୀକ୍ଷା କେନ୍ଦ୍ର ସମ୍ମୁଖରେ ପୋଲିସ ମୁତୟନ କରାଯାଇଥବା ଜିଲା ଶିକ୍ଷାଧିକାରୀ ପୂର୍ଣ୍ଣଚନ୍ଦ୍ର ବରିହା କହିଛନ୍ତି । ସେହିପରି ଗୁଣପୁର ବ୍ଲକରେ ୧୪୬୫ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଛନ୍ତି । ଗୁଣପୁର ସରକାରୀ ଉଚ୍ଚବିଦ୍ୟାଳୟରେ ୩୨୫, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ୩୭୭, ଏସ୍‌ଏଲ୍‌ଏନ୍‌ଏମ୍ ପରୀକ୍ଷା କେନ୍ଦ୍ରରେ ୨୫୫, ଉମ୍ପସରା ସରକାରୀ ଉଚ୍ଚବିଦ୍ୟାଳୟରେ ୨୧୨ , ଜଲତାର ଉଚ୍ଚବିଦ୍ୟାଳୟରେ ୧୬୩ ଏବଂ ପୁଟାସିଂ ଉଚ୍ଚ ବିଦ୍ୟାଳୟରେ ୧୩୩ ଜଣ ପରିକ୍ଷାର୍ଥୀ ପରୀକ୍ଷା ଦେଇଛନ୍ତି । ସେହିପରି ମୁନିଗୁଡ଼ା ବ୍ଲକ ଶିକ୍ଷା ସର୍କଲର ୪ଟି କେନ୍ଦ୍ରରେ ୧୦୯୬ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଛନ୍ତି । ୨୮ ଜଣ ଅନୁପସ୍ଥିତ ଥିବା ଜଣାଯାଇଛି । ମୁନିଗୁଡ଼ାରେ ହାଇସ୍କୁଲରେ ୨୪୨,ବାଳିକା ଉଚ୍ଚ ବିଦ୍ୟାଳୟରେ ୪୦୨, କୁମୁଡ଼ାବାଲି ହାଇସ୍କୁଲରେ ୧୯୧ ଓ ଆମ୍ବାଦୋଳା ହାଇସ୍କୁଲରେ ୨୬୧ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଛନ୍ତି । ନୋଡ଼ାଲ ଅଫିସର ଭାବେ ମୁନିଗୁଡ଼ା ବ୍ଲକ ଶିକ୍ଷାଧିକାରୀ ରାଧାକାନ୍ତ ଛତ୍ରୀ ଓ ମାଜିଷ୍ଟ୍ରେଟ ଭାବେ ମୁନିଗୁଡ଼ା ଅତିରିକ୍ତ ତହସିଲଦାର ଆୟୁବ ମଣ୍ଡଳ ଉପସ୍ଥିତ ରହି ପରୀକ୍ଷା କେନ୍ଦ୍ରରେ ଅନୁଧ୍ୟାନ କରିଥିଲେ । ମୁନିଗୁଡ଼ା ଥାନା ମହିଳା ଏସଆଇ ଶ୍ୱେତପଦ୍ମା ସେଠ୍ ପରୀକ୍ଷା କେନ୍ଦ୍ର ବୁଲି ଦେଖିଥିଲେ । ସେହିପରି କାଶୀପୁର ବ୍ଲକର କାଶୀପୁର,ଗୋରଖପୁର, ଚନ୍ଦ୍ରଗିରି,ତଳଝିରି ଓ ଟିକିରି ୫ଟି କେନ୍ଦ୍ରରେ ୧୦୬୮ ଛାତ୍ରୀଛାତ୍ର ମାଟ୍ରିକ ପରୀକ୍ଷା ଦେଇଛନ୍ତି । ୧୭ ଜଣ ଅନୁପସ୍ଥିତ ଥିବା ବିଇଓ ଜଗଦିଶ ଚନ୍ଦ୍ର ସିଂ ପ୍ରକାଶ କରିଛନ୍ତି ।

# ଆଦିବାସୀଙ୍କ ନିଆରା ପର୍ବ ଟୋକିମରା

ଟିକିରି,୨୨।୨(ଡ଼ି.ଏନ.ଏ)



ମହିଳାମାନେ ପୂଜାର୍ଚ୍ଚନା କରୁଛନ୍ତି ।

ରାୟଗଡ଼ା ଜିଲା କାଶୀପୁର ବ୍ଲକ ନକଟିଗୁଡା ପଞ୍ଚାୟତ ସଦରସ୍ଥିତ ଉପରସାହିଠାରେ ଶୁକ୍ରବାର ଆଦିବାସୀଙ୍କ ନିଆରା ଟୋକିମରା ପର୍ବ ପାଳିତ ହୋଇଯାଇଛି । ପୂର୍ବରୁ ଏକ କୁଆଁରି କନ୍ୟାକୁ ପୂଜାପାଠ କରିବା ପରେ ବଳି ଆକାରରେ ଚଢ଼ାଯାଉଥିଲା କିନ୍ତୁ ଏହା ଏବେ ବନ୍ଦ ହୋଇ ଛେଳି, ମେଣ୍ଢା, ପାରା ବଳି ଦିଆଯାଉଛି । ନକଟିଗୁଡାରେ ଆଦିବାସୀମାନେ ଏହି ପର୍ବ ପ୍ରତି ୩ ବର୍ଷରେ ଥରେ ପାଳନ କରିଥାନ୍ତି ବୋଲି ଗ୍ରାମର ବେଲଧର ମାଝି, ନୀଳକଣ୍ଠ ମାଝି, ସିମାଞ୍ଚଳ ମାଝି, ପାତ୍ର ମାଝି, ଭୀମା ମାଝି, ଲିମା ମାଝି ପ୍ରମୁଖ ଗ୍ରାମବାସୀ ପ୍ରକାଶ କରିଛନ୍ତି । ପ୍ରଥମେ ପୂର୍ବତନ ୱାର୍ଡମେମ୍ବର କୁର୍ମେଶ୍ୱର ମାଝିଙ୍କ ଘରୁ ମାଆଙ୍କୁ ପୂଜାର୍ଚ୍ଚନା କରି ଅଣାଯାଇଥିଲା । ଏହାପରେ ଗ୍ରାମର ପ୍ରତ୍ୟେକ ଘର ଘର ବୁଲି ପୂଜାର୍ଚ୍ଚନା କରାଯାଇ ଗ୍ରାମ ପରିକ୍ରମା କରାଯାଇଥିଲା ।ପରେ ଗ୍ରାମ ପାଖରେ ଥିବା ଗୁଡିପୂଜା ପୀଠରେ ସମସ୍ତେ ଏକତ୍ରିତ ହୋଇ ନଡିଆ, କଦଳୀ, ଦୀପ, ଧୂପ ଦେବା ସହ ବଳି ପାଇଁ ରଖାଯାଇଥିବା ମେଣ୍ଢାକୁ ଫୁଲମାଳ ପକାଇ ନଚାଇଥିଲେ । ଶେଷରେ ମେଣ୍ଢାକୁ ବଳି ଚଢ଼ାଯାଇଥିଲା । ପୂଜାପୀଠରେ ଗ୍ରାମର ମହିଳାମାନେ ହାତରେ ଖଣ୍ଡା ଧରି ମା'ଙ୍କ ପାଖରେ ନାଚିଥିଲେ । ଏଥିରେ ଜାନି ବିନ୍ଦୁ ମାଝି, ଦିଶାରୀ ଦୁର୍ଯ୍ୟୋଧନ ମାଝି ପ୍ରମୁଖ ପୂଜା କାର୍ଯ୍ୟ ତୁଲାଇଥିଲେ ।